# ବିଜ୍ଞାପନ

**( Non-Matching Scheme )**

## ରାଜା ରାମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ ଯୋଜନାରେ ସାହାଯ୍ୟ ପାଇଁ ଦରଖାସ୍ତ ଆହ୍ୱାନ

୧. ପୂର୍ବବର୍ଷ ପରି ଚଳିତ ୨୦୦୯-୧୦ ବର୍ଷ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ମାଧ୍ୟମରେ ରାଜା ରାମମୋହନ ରାୟ ପାଠାଗାର ସଂସ୍ଥା ସାହାଯ୍ୟ କାର୍ଯ୍ୟକ୍ରମ ନିମ୍ନଲିଖିତ Non-Matching Scheme କ୍ଷେତ୍ର ପାଇଁ ଉପଲବ୍ଧ ହେବ ।

୨. ଅନ୍ତତଃ ବିଗତ ତିନିବର୍ଷ ପୂର୍ବରୁ ୧୮୬୦ ମସିହା ସୋସାଇଟି ରେଜିଷ୍ଟ୍ରେସନ ଆଇନ ଅନ୍ତର୍ଗତ ରେଜିଷ୍ଟ୍ରିଭୁକ୍ତ ସର୍ବସାଧାରଣ ପାଠାଗାର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସାହାଯ୍ୟ ଲାଭ କରିପାରିବେ ।

୩. ଏଥିପାଇଁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଜିଲ୍ଲା ସଂସ୍କୃତି ଅଧିକାରୀ/ଉପନିର୍ଦ୍ଦେଶକ, ସଂସ୍କୃତି ତଥା ରାଜ୍ୟସ୍ତରୀୟ ପାଠାଗାର କମିଟି ଆବାହକ /ରାଜାରାମମୋହନ ରାୟ Website- rrrlf.gov.in ରୁ ଉପଲବ୍ଧ ହେବ। ଏତଦ୍‌ବ୍ୟତୀତ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର Website- http://www.hkmsl.gov.in ଏବଂ Govt. website- http://www.orissa.gov.in ରେ ମଧ୍ୟ ଏହି ଫର୍ମ ଉପଲବ୍ଧ ହେବ ।

୪. Non-Matching Scheme ପାଇଁ ଉଦ୍ଦିଷ୍ଟ ଫର୍ମରେ ଦରଖାସ୍ତ ଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ପୂରଣ କରି ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସୁପାରିଶ ସହ ନିମ୍ନ ଠିକଣାରେ ଚଳିତ ବର୍ଷ ଡିସେମ୍ବର ୧୫ ତାରିଖ ସୁଦ୍ଧା ଦାଖଲ କରିପାରିବେ ।

୫. ଅସଂପୂର୍ଣ୍ଣ ଏବଂ ନିର୍ଦ୍ଧାରିତ ସମୟ ପରେ ପଠାଯାଇଥିବା ଦରଖାସ୍ତ ଗୁଡ଼ିକ ବିଚାରକୁ ନିଆଯିବ ନାହିଁ ।

୬. ଦରଖାସ୍ତକାରୀ ଅନୁଷ୍ଠାନ ନିମ୍ନ ସର୍ତ୍ତାବଳୀ ପୂରଣ କରୁଥିବେ :

(କ) କେବଳ ତିନିବର୍ଷ ପୂର୍ବରୁ ରେଜିଷ୍ଟ୍ରିଭୁକ୍ତ ପାଠାଗାର /ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଆବେଦନ କରିପାରିବେ ।

(ଖ) ସେମାନଙ୍କର ନିଜସ୍ୱ ଘର ଥିବା ବିଧେୟ । ଭଡ଼ାଘର ଥିଲେ ମଧ୍ୟ ଅନୁଦାନ ଦିଆଯାଇପାରେ ।

(ଗ) ସର୍ବସାଧାରଣ ଦେଖିପାରୁଥିବା ଓ ଜାଣିପାରୁଥିବା ଭଳି ନାମ ଫଳକ ବ୍ୟବହୃତ ହେଉଥିବା ଦରକାର ।

(ଘ) ସର୍ବସାଧାରଣଙ୍କ ସେବାରେ ପାଠାଗାର ଗୃହ ସମ୍ପୂର୍ଣ୍ଣ ବ୍ୟବହାର ହେଉଥିବା କଥା । ଏଥିପାଇଁ ଏକ ଏଫିଡେଭିଟ୍ ଦାଖଲ କରିବେ ।

(ଙ) ସର୍ବନିମ୍ନ ୧୦୦ (ଶହେ) ଜଣ ହିତାଧିକାରୀଙ୍କ ପାଇଁ ପାଠାଗାରଟି ବ୍ୟବହୃତ ହେଉଥିବା ଦରକାର, ଅନ୍ୟଥା ଅନୁଦାନ ଦିଆଯିବ ନାହିଁ ।

(ଚ) ଆବେଦନ ସହିତ ଗତ ତିନିବର୍ଷର ବାର୍ଷିକ ବିବରଣୀ, ସଭ୍ୟ ତାଲିକା, ଅଡ଼ିଟ୍ ରିପୋର୍ଟ, ସମ୍ବିଧାନ ବିବରଣୀ ଦାଖଲ କରିବେ ।

(ଛ) ପାଠାଗାରର ନିଜସ୍ୱ କୋଠା ଥିଲେ ଅଗ୍ରାଧିକାର ଦିଆଯିବ । କୌଣସି ସଭ୍ୟଙ୍କ ଘରେ ଏହା କାର୍ଯ୍ୟକରୁଥିଲେ ବିଚାର କରାଯିବ ନାହିଁ ।

(ଜ) ପାଠାଗାର ସହାୟତା ନିମିତ୍ତ ବିବେଚିତ ହେବା ପାଇଁ ସର୍ବନିମ୍ନ ୨୦୦୦ ଖଣ୍ଡ ପୁସ୍ତକ ଥିବା ଦରକାର ଓ ପାଞ୍ଚଖଣ୍ଡ ପତ୍ରିକା ଆସୁଥିବା ବିଧେୟ।

(ଝ) ପୂର୍ବରୁ ରାଜାରାମମୋହନ ରାୟ ପାଠାଗାର ଯୋଜନାରେ ସହାୟତା ପାଇଥିଲେ ସମ୍ପୃକ୍ତ ସଂସ୍ଥା ନାମରେ କୌଣସି ବିନିଯୋଗ ପତ୍ର ବକେୟା ନଥିବା ବିଧେୟ।

୭. ସର୍ବସାଧାରଣ ପାଠାଗାର ସେବା ପାଇଁ ସାହାଯ୍ୟ / ଅନୁଦାନ : ( Non-Matching Grant )

(କ) ପୁସ୍ତକ ଗୃହୋପକରଣ ସରଞ୍ଜାମ ଓ କମ୍ପ୍ୟୁଟର କ୍ରୟ ପାଇଁ ( ଟ.୧,୫୦,୦୦୦/-)

(ଖ) ପାଠାଗାର ଗୃହ ନିର୍ମାଣ ପାଇଁ ସର୍ବାଧିକ ( ଟ. ୪,୫୦,୦୦୦/-)

ଏଥିପାଇଁ (ଗ୍ରାମାଞ୍ଚଳ ପାଇଁ ସର୍ବନିମ୍ନ ୩୦୦୦ ପୁସ୍ତକ ଏବଂ ସହରାଞ୍ଚଳ ପାଇଁ ୪୦୦୦ ପୁସ୍ତକ ସହିତ ପାଠାଗାର ନାମରେ ଜମି ଏବଂ ପଟ୍ଟା ଥିବା ବିଧେୟ । ଜମିର ରେଜିଷ୍ଟ୍ରି ଦଲିଲ ଓଡ଼ିଆ ଭାଷାରେ ହୋଇଥିଲେ ତାହାର ଏକ ଇଂରାଜୀ

ରୂପାନ୍ତରର ଏକ ପ୍ରାମାଣିକ ନକଲ ତଥା ସରକାରୀ ଓକିଲଙ୍କ ଠାରୁ ଯାଞ୍ଚ ହୋଇଥିବାର ପ୍ରମାଣପତ୍ର ଏବଂ ମୋକଦ୍ଦମା ଭଳି କନ୍ଦଳରୁ ମୁକ୍ତ ତଥା ସିଲିଂ ଦ୍ୱାରା ଆକ୍ରାନ୍ତ ହୋଇନଥିବା ପ୍ରମାଣ ସଂଲଗ୍ନ ଥିବା ଆବଶ୍ୟକ ।

(ଗ) ଶିଶୁ ପାଠାଗାର ସହିତ ମହିଳା ତଥା ବରିଷ୍ଠ ନାଗରିକଙ୍କ ପଠନାଗାର ପାଇଁ ସାହାଯ୍ୟ ଅନୁଦାନ ଏଥିପାଇଁ ଟ.୨୫ ହଜାର ଶିଶୁ ପାଠାଗାର, ଟ.୨୦ହଜାର ମହିଳା, ଟ.୧୫ ହଜାର ବରିଷ୍ଠ ନାଗରିକ ଏବଂ ଟ.୧୦ ହଜାର ନବସାକ୍ଷରଙ୍କ ପାଇଁ ସାହାଯ୍ୟ ମିଳି ପାରିବ ।

(ଘ) ସ୍ୱତନ୍ତ୍ର ଶିଶୁ ପାଠାଗର କର୍ଣ୍ଣର ପାଇଁ ଅନୁଦାନ ଟ.୧,୫୦,୦୦୦/-

(ଙ) ଅନୁଷ୍ଠାନର ୫୦ତମ ୬୦ ତମ, ୭୫ତମ, ୧୦୦ତମ ଆଦି ବାର୍ଷିକୀ ପାଳନ ପାଇଁ ସାହାଯ୍ୟ ଅନୁଦାନ ଏଥିପାଇଁ ଟ.୧.୦୦ ଲକ୍ଷରୁ ଆରମ୍ଭ କରି ଟ.୧.୫୦ ଲକ୍ଷ ପର୍ଯ୍ୟନ୍ତ ବାର୍ଷିକୀ ପାଳନ କରୁଥିବା ଅନୁଷ୍ଠାନର ଆଧୁନିକୀକରଣ ଏବଂ ଗ୍ରାମାଞ୍ଚଳରେ ୫୦ ବର୍ଷ ପୂର୍ତ୍ତି କରିଥିବା ପାଠାଗାରର ବହି କିଣିବା ପାଇଁ ଟ.୧୫୦୦୦/- ଓ ଆସବାବ ପତ୍ର କିଣିବା ପାଇଁ ଟ.୧୦,୦୦୦/- ଅନୁଦାନ ଦିଆଯାଇପାରିବ ।

**ଦରଖାସ୍ତ ପଠାଇବାର ଠିକଣା :**

ନିର୍ଦ୍ଦେଶକ, ସଂସ୍କୃତି ବିଭାଗ, ସଂସ୍କୃତି ଭବନ
ରାଜ୍ୟ ସଂଗ୍ରହାଳୟ ପରିସର, ଭୁବନେଶ୍ୱର-୭୫୧୦୧୪

ନିର୍ଦ୍ଦେଶକ
ସଂସ୍କୃତି ତଥା ପାଠାଗାର ସେବା, ଓଡ଼ିଶା